# ପୁରୁବାଇ କନ୍ୟାଶ୍ରମର ବାର୍ଷିକ ଉତ୍ସବ



ସୋର, ୪।୧ (ସମିସ): ସୋର ପୌର ପାଳିକାସ୍ଥିତ ଗାନ୍ଧି ସେବା ସଂଘ ପୁରୁବାଇ କନ୍ୟାଶ୍ରମର ବାର୍ଷିକ ଉତ୍ସବ ପରିଚାଳନା କମିଟି ସଦସ୍ୟ ଜଗନ୍ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ନାୟକ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲିକ, ଅନିତା କର ଏବଂ ଶିଶୁ ସୁରକ୍ଷା କାର୍ଯ୍ୟାଳୟର ଅଞ୍ଜଳି ଜେନା ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ଅନେକ ହିତ ଉପଦେଶ ଦେଇ ଥିଲେ। ଅତିଥିଙ୍କ ଦ୍ୱାରା କୃତି ଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା। ଏହି ଅବସର ରେ ଅନୁଷ୍ଠାନ ର ପ୍ରାକ୍ତନ ସମ୍ପାଦକ ସ୍ୱର୍ଗତ ଜବାହରଲାଲ ଦାସ(ଟୁଟୁ ଭାଇ )ଙ୍କ ତ୍ରୟୋଦଶ ଶ୍ରାଦ୍ଧ ବାର୍ଷିକୀ ପାଳନ କରା ଯାଇ ଥିଲା। ତାଙ୍କର ବଡ଼ ଭାଇ ତଥା ଗାନ୍ଧି ଓଡ଼ିଶା ବାଳାଶ୍ରମ ର ସମ୍ପାଦକ ଅଶୋକ କୁମାର ଦାସ, ଅବସରପ୍ରାପ୍ତ ମାଜିଷ୍ଟ୍ରେଟ ବାସୁଦେବ ଦାସ ଏବଂ ସ୍ୱର୍ଗତ ଟୁଟୁ ଭାଇଙ୍କ ସୁପୁତ୍ର ସୁମନ ସୌରଭ ଦାସ ପ୍ରମୁଖ ତାଙ୍କ ସ୍ମୃତି ଚାରଣ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ସୁମତି ମହାନ୍ତି ସଂପାଦକୀୟ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତିରାଜ ବ୍ୟବସ୍ଥା ନିୟମର ଖୋଲାଖୋଲି ଉଲ୍ଲଂଘନ

# ଗୁରୁତ୍ୱହୀନ ହୋଇ ପଡ଼ିଛି ପଞ୍ଚାୟତ ସମିତି ବୈଠକ

ବସ୍ତା ବ୍ଲକ, ୪।୧ (ସମିସ)

ବସ୍ତା ବ୍ଲକରେ ପଞ୍ଚାୟତ ରାଜ ବ୍ୟବସ୍ଥା ର ଖୋଲା ଖୋଲି ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ସତେ ଯେପରି ଗୁରୁତ୍ୱହୀନ ହୋଇ ପଡ଼ିଛି ପଞ୍ଚାୟତ ସମିତି ବୈଠକ। କାହିଁକି ଠିକ୍ ସମୟରେ ପଞ୍ଚାୟତ ସମିତି ବୈଠକ ହେଉ ନାହିଁ ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ।

ପ୍ରକାଶ ଯେ ପାଲ୍ୟାମେଣ୍ଟ ଓ ବିଧାନ ସଭା ଭଳି ପ୍ରତ୍ୟେକ ବ୍ଲକରେ ପଞ୍ଚାୟତ ସମିତି ବୈଠକ ବହୁ ଗୁରୁତ୍ୱ ବହନ କରେ। ଏହି ବୈଠକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନୀ ବ୍ୟବସ୍ଥାରେ ନିର୍ବାଚିତ ଜନପ୍ରତିନିଧି ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟଙ୍କ ଉପସ୍ଥିତିରେ ଜିଲ୍ଲାର ବିଭିନ୍ନ ବିଭାଗ ପଦାଧିକାରୀ ଉପସ୍ଥିତିରେ ଏହି ବୈଠକ ହୋଇଥାଏ। ବୈଠକରେ ନିଜ ନିଜ ଅଞ୍ଚଳର ପ୍ରମୁଖ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥାଏ। ଏହି ବୈଠକରେ ବିଧାୟକ, ସାଂସଦ, ବ୍ଲକ ଅଧ୍ୟକ୍ଷଙ୍କ ସହିତ ବ୍ଲକର ଅନ୍ୟ ଅଧିକାରୀ ମାନେ ଯୋଗ ଦେଇ ଥାନ୍ତି। ନିୟମ ମୁତାବକ ପ୍ରତି ୩ ମାସରେ ଥରେ ସମିତି ବୈଠକ ହେବା କଥା। ମାତ୍ର ବସ୍ତା ବ୍ଲକରେ ଏହାର ପୂର୍ଣ୍ଣ ବ୍ୟତିକ୍ରମ ଜଳ ଜଳ ହୋଇ ଦେଖା ଦେଇଛି। ମିଳିଥିବା ତଥ୍ୟ ଅନୁସାରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଫଳାଫଳ ୨୦୨୨ ଫେବୃଆରୀରେ ଘୋଷଣା ପରେ ୨୪ ଏପ୍ରିଲରେ ପ୍ରଥମ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସମିତି ବୈଠକ ୬ ଜାନୁଆରୀ ୨୦୨୩ ରେ ଅନୁଷ୍ଠିତ ହୋଇଥିଲା। ଯାହାର ବ୍ୟବଧାନ ଥିଲା ୮ ମାସ। ପୁଣି ୩ୟ ସମିତି ବୈଠକ ୧୭ ମଇ ୨୩ ରେ ହୋଇଥିଲା। ଯାହାର ବ୍ୟବଧାନ ଥିଲା ୪ ମାସ। ଚତୁର୍ଥ ସମିତି ବୈଠକ ୨୪ ଜାନୁଆରୀ ୨୦୨୪ ରେ ଅନୁଷ୍ଠିତ ହୋଇଥିଲା। ଯାହାର ବ୍ୟବଧାନ ଥିଲା ୮ ମାସ। ସେହିପରି ୫ମ ସମିତି ବୈଠକ ୨୭ ସେପ୍ଟେମ୍ବର ୨୦୨୪ରେ ଅନୁଷ୍ଠିତ ହୋଇ ଥିଲା। ଯାହାର ବ୍ୟବଧାନ ଥିଲା ୮ ମାସ। ୬ଷ୍ଠ ସମିତି ବୈଠକ ୨୮ ମଇ ୨୦୨୫ ରେ ଅନୁଷ୍ଠିତ ହୋଇଥିଲା। ଯାହାର ବ୍ୟବଧାନ ଥିଲା ୮ ମାସ। ତେବେ ମୋଟ ୧୫ ଟି ବୈଠକ ହେବାକୁ ଥିବା ବେଳେ ହୋଇଛି ୬। ପୁଣି ଯେତେଥର ବୈଠକ ହୋଇଛି କେବଳ ମହିଳା ଶିଶୁ ବିଭାଗ, ଯୋଗାଣ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା ମଧ୍ୟରେ ସୀମିତ ହୋଇ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଡ୍ରେନେଜ, ଜଳସେଚନ, ଆର୍ ଡି, ଆର୍ ଏଣ୍ଡ ବି, ବିଦ୍ୟୁତ୍ ବିଭାଗ ଭଳି ଅନେକ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ଉପରେ ଆଲୋଚନା ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ବସ୍ତା ବ୍ଲକ ଅନ୍ତର୍ଗତ ନାନା ସମସ୍ୟାରେ ଜର୍ଜରିତ ଥିବା ବେଳେ ଏହି ସବୁ ପ୍ରସଙ୍ଗ ଉପରେ ଆଲୋଚନା ନହେବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଜନ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଗୋଟିଏ ପଟେ ଠିକ୍ ସମୟରେ ସମିତି ବୈଠକ ହେଉ ନଥିବା ବେଳେ ଅନ୍ୟ ପକ୍ଷେ ସମିତି ବୈଠକ ରେ ଆଲୋଚନା ହେଉଥିବା ବିଷୟ ବସ୍ତୁ ର ସମାଧାନ ଉପରେ ସରକାରୀ ବିଭାଗୀୟ ଅଧିକାରୀ ମାନେ କାର୍ଯ୍ୟ କରିବା ଓ ସମାଧାନ କରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସମିତି ବୈଠକର ଗାରିମାକୁ କ୍ଷୁର୍ଣ୍ଣ କରୁଥିବା ଭଳି ଗୁରୁତର ଅଭିଯୋଗ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଅଙ୍ଗୁଳି ଉଠିଛି। ବସ୍ତା ବ୍ଲକର ୩୧ ପଞ୍ଚାୟତ ମଧ୍ୟରୁ ୧୭ଟି ବସ୍ତା ଓ ୧୪ଟି ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ରହିଛି। ତେଣୁ ବସ୍ତା ବ୍ଲକରେ ବସ୍ତା ଓ ଜଳେଶ୍ୱର ବିଧାୟକଙ୍କ କର୍ତ୍ତୃତ୍ୱ ରହିଛି। ବିଧାୟକ ଓ ସାଂସଦ ସମିତି ବୈଠକ ଦେଉଥିବା ତାରିଖର ତାଳ ମେଳ ନଥିବାରୁ ସମିତି ବୈଠକ ଠିକ୍ ସମୟରେ ହୋଇ ପାରୁ ନଥିବା ବ୍ଲକ କାର୍ଯ୍ୟାଳୟ ତରଫରୁ କୁହାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ଏବେ ସମିତି ବୈଠକର ନିର୍ଦ୍ଧାରିତ ତାରିଖ ଅନଲାଇନରେ ସ୍ଥିରକୃତ୍ୟ ହେବା ନେଇ ସୂଚନା ମିଳିଛି।

# ଫେରିବାଲାକୁ ଆକ୍ରମଣ ଅଭିଯୋଗ

ରାଜଘାଟ, ୪।୧ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ମଧୁପୁରା ସ୍ଥିତ ସୁବର୍ଣ୍ଣରେଖା ବନ୍ଧ ଉପରେ ଫେରିବାଲାକୁ ଆକ୍ରମଣ କଲେ ସ୍ଥାନୀୟ ଲୋକେ। ଚାରି ଗୁରୁତର ବସ୍ତା ମେଡିକାଲ ରେ ଭର୍ତ୍ତି. ସୂଚନା ଅନୁସାରେ କଦରାୟାଁ ପଞ୍ଚାୟତର କିଛି ଲୋକ ପ୍ରତ୍ୟେକ ଦିନ ଗାଁକୁ ଗାଁ ବୁଲି ବିଭିନ୍ନ ସାମଗ୍ରୀ ବେପାର କରି ପରିବାର ପ୍ରତିପୋଷଣ କରନ୍ତି। ଅପରାହ୍ନ ସମୟରେ ଦେଭୋଗ ଗ୍ରାମର ଶେଖ କେତାମୁଦିନ ଓ ଗୋପୀନାଥ ପୁର ଗ୍ରାମର ଶେଖ ଯଶିମୁଦିନ ମଧୁପୁରା ବନ୍ଧ ଉପରେ ନିଜର ଘରକୁ ଫେରୁଥିବା ସମୟରେ ଗିଲାଯୋଡ଼ି ଗ୍ରାମର କିଛି ଯୁବକ ସେମାନଙ୍କୁ ଅଟକ କରି ସେମାନଙ୍କ ପରିଚୟ ପଚାରିବା ସହିତ ଆଧାର କାର୍ଡ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହେଉଥିବା ଦେଖି ଦେଭୋଗ ଗ୍ରାମର ଶେଖ ଭୁଟ୍ଟୁ ଓ ଶେଖ ରାଇମୁଦିନ ଘଟଣାସ୍ଥଳରେ ପହଂଚି ସମାଧାନ କରିବାକୁ ଚେଷ୍ଟା କରିଥିଲେ। ହେଲେ ଗିଲାଯୋଡ଼ି ଗ୍ରାମର ଯୁବକମାନେ କିଛି ନ ବୁଝି ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହିତ ବାଉଁଶଖଣ୍ଡରେ ଆକ୍ରମଣ କରିଥିବା କହିଛନ୍ତି ଗୁରୁତର ଯୁବକ ମାନେ। ଉକ୍ତ ଘଟଣାକୁ ନେଇ ଉଭୟ କଦରାୟାଁ ଓ ଗିଲ୍ଲାଗୋଡି ଗ୍ରାମରେ ଉତେଜନା ସୃଷ୍ଟି ହୋଇଥିବାବେଳେ ସିଂଲା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଗୁରୁତର ଚାରି ଯୁବକ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି ହୋଇଥିବା ବେଳେ ଆକ୍ରମଣ କାରି ମାନେ ଦଶ ରୁ ପନ୍ଦର ଜଣ ଥିବା କହିଛନ୍ତି। ଏନେଇ ସିଂଲା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା କହିଛନ୍ତି ଆଇଆଇସି।

# ନଥିପୁର ମା’ ମନସା ଗ୍ରାମୀଣ ଉତ୍ସବ ଉଦ୍‌ଯାପିତ

କମର୍ଦ୍ଦା, ୪।୧(ସମିସ) : ବିପର୍ଯ୍ୟୟ ଓ ଅନାଟନ କେବେ ସମ୍ପର୍କ ଓ ଭାତୃଭାବ କୁ ପରାହତ କରିପାରେନା ବୋଲି ଆଜକୁ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ଭୋଗରାଇ ବ୍ଲକ ଆରୁହାବୃତ୍ତି-୧ ପଞ୍ଚାୟତ ନଥିପୁର ମା’ ମନସା ଗ୍ରାମୀଣ ଉତ୍ସବର ଉଦଯାପନୀ



ସନ୍ଧ୍ୟା ଓ ସମ୍ବର୍ଦ୍ଧନା ସମାରୋହରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମା’ ମନସା ଯୁବ ପରିଷଦ ଆନୁକୂଲ୍ୟରେ ଆଜକୁ ପାଞ୍ଚ ଦିନ ବ୍ୟାପି ଅନୁଷ୍ଠିତ ଉତ୍ସବରେ ମା’ ମନସାଙ୍କ ପୂଜୋତ୍ସବ ସହିତ ପ୍ରତି ସନ୍ଧ୍ୟାରେ ସାଧାରଣ ସଭା, ନୃତ୍ୟ ସଙ୍ଗୀତ ଓ ନାଟକ ପରିବେଷଣ କରାଯାଉଥିଲା। ଉକ୍ତ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଅଞ୍ଚଳ ର ସହସ୍ରାଧିକ ଲୋକ ଉପଭୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ସମାଜସେବୀ ଙ୍କ ଅଭିଜିତ ଦାସ ଓ ମୁଖ୍ୟବକ୍ତା ଭୋଗରାଇ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ପ୍ରମେୟ ସମ୍ପାଦକ ତଥା ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା ଓ ସଂସ୍କୃତି ସୁରକ୍ଷା ପରିଷଦ ର ପ୍ରତିଷ୍ଠାତା ସମ୍ପାଦକ ରାଜକିଶୋର ଜେନା, ମୁଖ୍ୟମନ୍ତ୍ରୀ ଶିକ୍ଷାସମ୍ମାନପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ ରାଜକିଶୋର ଜେନା ସଭାପତିତ୍ୱ କରିଥିବା ବେଳେ ଚତୁର୍ଥ ସନ୍ଧ୍ୟାରେ ସମାଜସେବୀ ରାମଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ! ସମ୍ମାନିତ ଅତିଥି ଭାବେ ଅରିହାବୃତ୍ତି ପଞ୍ଚାୟତ ସମିତି ସଦସ୍ୟା ଅଞ୍ଜଳି ଜେନା, ସରପଞ୍ଚ ଗୀତାରାଣୀ ଜେନା, ଶମ୍ଭୁନାଥ ବାରିକ, ବାଦଲ ଚନ୍ଦ, ପଣ୍ଡିତ ରାଜେନ୍ଦ୍ର ପଣ୍ଡା, ବ୍ରଜକିଶୋର ପାଳ ପ୍ରମୁଖ ଯୋଗଦେଇଥିଲେ। ପରିଷଦର ସଭାପତି ଧିରେନ ମୁଖୀ, ସମ୍ପାଦକ ହରିଶଚନ୍ଦ୍ର ମୁଖୀ ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଗାଡ଼ି ଧକ୍କାରେ ଚା’ ଦୋକାନ କ୍ଷତିଗ୍ରସ୍ତ

ସୋର, ୪।୧(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଥିବା ଏକ ଚାହା ଦୋକାନକୁ ଏକ ଟାଟା ଏସିଇ ଗାଡି ଧକ୍କା ଦେବାରୁ ଦୋକାନଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ଏଥିରେ କାହାର କୌଣସି କ୍ଷତି ହୋଇନଥିବା ଜଣାପଡିଛି। ଓଡି ୦୨ ସପି ୨୦୩୬ ନମ୍ବର ବିଶିଷ୍ଟ ଏକ ଟାଟା ଏସିଇ ଗାଡି ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ତଳନଗର ଠାରେ ରାସ୍ତା କଡରେ ଥିବା ଏକ ଚାହା ଦୋକାନକୁ ଧକ୍କା ଦେଇ ଭିତରକୁ ପଶିଯାଇଥିଲା। ଫଳରେ ଦୋକାନଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଦୋକାନ ଭିତରେ କେହି ନଥିବାରୁ ଏକ ବଡ ଧରଣର ଦୁର୍ଘଟଣା ଟଳି ଯାଇଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଗାଡି ଘଟଣା ସ୍ଥଳରେ ପହଞ୍ଚି ରାସ୍ତାଜାମ ହଟାଇବା ସହିତ ଗାଡିଟିକୁ ଉଦ୍ଧାର କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି। ଏଥିରେ ଦୋକାନରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି।




# ବରିଷ୍ଠ ନାଗରିକ ପରିଷଦର ଶୀତକାଳୀନ ଅଧିବେଶନ

କାଳିପଦା, ୪।୧ (ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ମାସିକ ଶୀତକାଳୀନ ଅଧିବେଶନ ନାରାୟଣ ପ୍ରସାଦ ସାହୁଙ୍କ ପୌରହିତ୍ୟରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଅଧିବେଶନ ପ୍ରାରମ୍ଭରେ ସନ୍ୟାସୀ ବେହେରା ବେଦମନ୍ତ୍ର ପାଠ କରିଥିବାବେଳେ ସଙ୍ଗୀତଜ୍ଞ ଶଙ୍କର୍ଷଣ ପରିଡା ଭକ୍ତି ରସାତ୍ମକ ଜଗନ୍ନାଥ ଜଣାଣ ଗାନ କରିଥିଲେ। ପରିଷଦର ସଭାପତି ସମସ୍ତ ସଦସ୍ୟ ଓ ସଦସ୍ୟାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ। ଶିକ୍ଷାବିତ ତଥା କବି ବ୍ରଜେନ୍ଦ୍ର ନାଥ ଗିରି, ଚିତ୍ତରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ରାଜ, ଦିନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ ଓ କବି କାଳିପଦ ପଣ୍ଡା ମଂଚାସୀନ ହୋଇଥିଲେ।ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ ଦେ, ଶିକ୍ଷାବିତ ଅନିରୁଦ୍ଧ ମଣ୍ଡଳ, ରାଜକୃଷ୍ଣ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ପରିଷଦର ଉପସଭାପତି ପୂର୍ଣ୍ଣ ଚନ୍ଦ୍ର ରାଜ ସଭାପତିତ୍ୱ କରି ନାରାୟଣ ପ୍ରସାଦ ସାହୁଙ୍କ ଲିଖିତ “ଚିନ୍ତା ଓ ଚେତନା’ ପୁସ୍ତକକୁ ଉନ୍ମୋଚନ କରିଥିଲେ। ପୁସ୍ତକ ସମ୍ବନ୍ଧରେ କବି କାଳିପଦ ପଣ୍ଡା, କବି କାଳିକିଙ୍କର ଦାସ ପ୍ରମୁଖ କହିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ କୁଞ୍ଜକାନ୍ତ ପାତ୍ର, ଗୁଣାକର ପାଳ, ଅଜିତ ପାତ୍ର, ବିଜୟ ପାତ୍ର, ସମ୍ପାଦକ ବଂକିମ ଜେନା, ଗୋପୀକୃଷ୍ଣ ମହାନ୍ତି, କାର୍ତ୍ତିକ ରାଉତ ପ୍ରମୁଖ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୪।୧ (ସମିସ): ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତ ଗୋପାଳପୁର ମା’ ମଙ୍ଗଳା ରିଲକ୍ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୫୪ତମ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଫାଇନାଲ ମ୍ୟାଚ ବ୍ଲାକ କୋବ୍ରା ବାଲେଶ୍ୱର ଓ ଫୋର ଫାଇଟର ବାଲେଶ୍ୱର ମଧ୍ୟରେ ହୋଇଥିଲା ଏବଂ ପୁରସ୍କାର ବିତରଣୀ ଉତ୍ସବରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଦଳ ଫୋର ଫାଇଟର ବାଲେଶ୍ୱରକୁ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଞ୍ଚଳର ବହୁ ବରିଷ୍ଠ ନେତୃମଣ୍ଡଳୀ ଓ ମା ମଙ୍ଗଳା ରିଲକ୍ସ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ଡାକ୍ତର ଅଭାବ ସତ୍ତ୍ୱେ ଡାକ୍ତରଙ୍କ ଆନ୍ଦୋଳନ, ସ୍ୱାସ୍ଥ୍ୟସେବା ଠପ୍

ରାଜଘାଟ, ୪।୧ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲ୍ଲାର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଏଠାରେ ୨୩ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ମାତ୍ର ୫ ଜଣ ଡାକ୍ତରଙ୍କୁ ନେଇ କାମଚଳାରେ ସ୍ୱାସ୍ଥ୍ୟସେବା ଚାଲିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପାଞ୍ଚଟି ପ୍ରାଥମିକ ଆରୋଗ୍ୟ କେନ୍ଦ୍ର ଥିଲେ ମଧ୍ୟ ସେଠାରେ ମଧ୍ୟ ସମାନ ଅବସ୍ଥା। ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହେଉଛି ସାଧାରଣ ଜନତାଙ୍କର ଜୀବନ ରକ୍ଷାର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ସେବା ବନ୍ଦ କରି ଡାକ୍ତର ମାନେ ପ୍ରତ୍ୟକ ଦିନ ସକାଳ ୧୦ ଟାରୁ ୧୧ଟା ଏକଘଣ୍ଟା ଆନ୍ଦୋଳନ



କରିବା ଆଦୌ ସୁସ୍ଥ ସମାଜ ପାଇଁ ଗ୍ରହଣୀୟ ନୁହେଁ। ବର୍ତ୍ତମାନ ଡାକ୍ତର ଆସୋସିଏସନ ନିଜ ଦାବି ପୂରଣ ପାଇଁ ଘଣ୍ଟାଏ କାର୍ଯ୍ୟବନ୍ଦ ରଖିଛନ୍ତି। ସେହି ସମୟ ମଧ୍ୟରେ ଯଦି କେହି ଗୁରୁତର ଅବସ୍ଥାରେ ଆସିବେ ତାଙ୍କୁ କେବଳ ଦଇବ ହିଁ ଭରସା। ସ୍ୱାସ୍ଥ୍ୟ ସେବା କୌଣସି ସାଧାରଣ ପ୍ରଶାସନିକ କାର୍ଯ୍ୟ ନୁହେଁ ଏହା ଜୀବନ ଓ ମୃତ୍ୟୁ ମଧ୍ୟରେ ଥିବା ସୂକ୍ଷ୍ମ ସୀମାରେ କାମ କରେ। ଏହି ପରିପ୍ରେକ୍ଷୀରେ ଆସୋସିଏସନ ଦ୍ୱାରା ଗୋଟିଏ ଘଣ୍ଟା କାର୍ଯ୍ୟ ବନ୍ଦ ଭଳି ଆହ୍ୱାନ ଦିଆଯିବା କେବଳ ଦୁଃଖଦ ନୁହେଁ, ବରଂ ଏହା ଜନହିତ, ଚିକିତ୍ସା ନୀତି ଓ ସାମାଜିକ ଦାୟିତ୍ୱ ପ୍ରତି ଗୁରୁତର ପ୍ରଶ୍ନ ଉଠାଉଛି। ରାଜ୍ୟର ସରକାରୀ ହସ୍ପିଟାଲ ଗୁଡ଼ିକରେ ଦିନକୁ ଦିନ ଲକ୍ଷାଧିକ ଗରିବ, ଶ୍ରମିକ, ଗ୍ରାମୀଣ ଓ ଅସହାୟ ଲୋକ ଚିକିତ୍ସା ପାଇଁ ଆସୁଛନ୍ତି, ଗୋଟିଏ ଘଣ୍ଟା ପାଇଁ ମଧ୍ୟ ସେବା ବନ୍ଦ ହେଲେ, ଅନେକ ଆପାତକାଳୀନ ରୋଗୀଙ୍କ ଜୀବନ ଅସୁରକ୍ଷିତ ହୋଇପଡୁଛି।




# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗୃହ ସମ୍ପର୍କ ଅଭିଯାନ

କାଳିପଦା, ୪।୧ (ସମିସ): ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନ୍ୟୁଉ ସଭା କକ୍ଷରେ ବାଲିଆପାଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଗୃହ ସମ୍ପର୍କ ଅଭିଯାନ ଓ ବାଲିଆପାଳ ଖଣ୍ଡ ତରଫରୁ ଏକ ସମୀକ୍ଷା ବୈଠକ ମହେଶ୍ୱର ମିଶ୍ରଙ୍କ ପରିଚାଳନାରେ ରବିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଖଣ୍ଡ କାର୍ଯ୍ୟବାହ ହେମନ୍ତ ମୁଖି, ଖଣ୍ଡ ପ୍ରଚାର ପ୍ରମୁଖ ଅଜିତ କର, ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ଅରବିନ୍ଦ ବେହେରା, ଅଜୟ ଜେନା, ଗୌରହରୀ ଦେ, ଗଜେନ୍ଦ୍ର ନାଥ ଜେନା, ରୁଦ୍ର ନାରାୟଣ ଜେନା, ମାନସ ମହାନ୍ତି, ଅନୀଲ ମଲ୍ଲିକ, ସୁଦାମ ଚରଣ ଦାସ, ମନ୍ମଥ ଦାସ, ମନୋରଞ୍ଜନ ବେହେରା, ବସନ୍ତ ବାରିକ ଓ ବିଶ୍ୱ ହିନ୍ଦୁ ପରିଷଦ ବାଲିଆପାଳ ଶାଖାର କାର୍ଯ୍ୟକାରୀ ସଭାପତି ସନ୍ନ୍ୟାସୀ ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।






